■ RNI No.ODIODI/2010/33031
■ ୧୭ ବର୍ଷ Volume-17
■ ISSUE -50 ସଂଖ୍ୟା-୫୦
■ ଭୁବନେଶ୍ୱର, ଗୁରୁବାର ୩୦ ଏପ୍ରିଲ୍ ୨୦୨୬
■ Bhubaneswar, Thursday 30 April, 2026
■ ୦୮ ପୃଷ୍ଠା Pages-08
■ ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
■ www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆସାମରେ ଏନ୍‌ଡିଏକୁ ହ୍ୟାଟ୍ରିକ୍, ପଶ୍ଚିମବଙ୍ଗରେ ଫୁଟିପାରେ ପଦ୍ମ



ନୂଆଦିଲ୍ଲୀ, ୨୯।୪(ନି.ପ୍ର.): ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ ଏବଂ ପୁଡୁଚେରିରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ପଶ୍ଚିମବଙ୍ଗ ବ୍ୟତୀତ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ଲେଖାଏଁ ପର୍ଯ୍ୟାୟରେ ମତଦାନ ହୋଇଥିଲା। ପଶ୍ଚିମବଙ୍ଗରେ ଆଜି ଦ୍ୱିତୀୟ ପର୍ଯ୍ୟାୟର ମତଦାନ ଶେଷ ହେଲା ପରେ ଏକ୍‌ଜିଟ୍ ପୋଲ୍ ଆସିଛି। ବିଭିନ୍ନ ସଂସ୍ଥା ଦ୍ୱାରା ସର୍ଭେ କରାଯାଇଥିବା ରିପୋର୍ଟ ଅନୁସାରେ କେଉଁ ରାଜ୍ୟରେ କିଏ ସରକାର ଗିବେ ତାହାର ପୂର୍ବାନୁମାନ କରାଯାଇଛି। ତେବେ ପ୍ରକୃତରେ କେଉଁଠି କିଏ ସରକାର ଗିବେ ତାହା ୨୦୨୬ ମେ' ୪ ତାରିଖ ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି।

ଆସାମରେ ବିଜେପି ନେତୃତ୍ୱ ଏନ୍‌ଡିଏ ସରକାର ଆସିପାରେ। 'ଆକ୍ସିସ ମାଇ ଇଣ୍ଡିଆ'ର ସର୍ଭେ ରିପୋର୍ଟ ଅନୁସାରେ ୧୨୬ ବିଧାନସଭା ଆସନ ବିଶିଷ୍ଟ ଆସାମ ବିଧାନସଭା ନିର୍ବାଚନରେ ଏନ୍‌ଡିଏକୁ ୮୮ରୁ ୧୦୦ ଆସନ ମିଳିପାରେ। ଏଠାରେ କଂଗ୍ରେସକୁ ୨୮ରୁ ୩୬ଟି ଆସନ ମିଳିପାରେ। ଅନ୍ୟ ଦଳ ମାତ୍ର ୩ଟି ଆସନ ହାତେଇ ପାରନ୍ତି।

ପଶ୍ଚିମବଙ୍ଗରେ ୨୯୪ଟି ଆସନ ପାଇଁ ମତଦାନ ହୋଇଛି। ଏଠାରେ ବିଜେପିକୁ ୧୫୦ରୁ ୧୬୦ ଆସନ ମିଳିପାରେ। ଶାସକ ତୃଣମୂଳ କଂଗ୍ରେସକୁ ୧୩୦ରୁ ୧୪୦ ଆସନ ମିଳିପାରେ। ଚାଣକ୍ୟ ଦ୍ୱାରା ଏଭଳି ସର୍ଭେ ଆକଳନ କରାଯାଇଛି। ମୋର୍ଟିକ୍ ସର୍ଭେ ରିପୋର୍ଟ ଅନୁସାରେ ୧୪୬ରୁ ୧୬୧ ଆସନ ଦେଇଥିବା ବେଳେ ତୃଣମୂଳ

## ତାମିଲନାଡୁ ଓ କେରଳରେ କଡ଼ା ଫାଇଟ୍

କଂଗ୍ରେସକୁ ୧୨୫ରୁ ୧୪୦ ଆସନ ମିଳୁଛି। ପୁଲ ଡାଏରି ସର୍ଭେ ରିପୋର୍ଟ ଅନୁସାରେ ଟିଏମ୍‌ସିକୁ ପଶ୍ଚିମବଙ୍ଗରେ ୯୯ରୁ ୧୨୭ ଆସନ ମିଳିବ। କିନ୍ତୁ ବିଜେପିକୁ ୧୪୨ରୁ ୧୭୧ ଆସନ ମିଳିବ। ଅନ୍ୟ ଦଳକୁ ୫ରୁ ୯ଟି ଆସନ ମିଳିପାରେ। ଏତଦ ବ୍ୟତୀତ ଅନ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ମଧ୍ୟ ପଶ୍ଚିମବଙ୍ଗରେ ବିଜେପି ଆସିବ ବୋଲି ଆକଳନ କରିଛନ୍ତି।

ମୋର୍ଟିକ୍ ସର୍ଭେ ରିପୋର୍ଟ ଅନୁସାରେ ୨୩୪ ବିଧାନସଭା ଆସନ ବିଶିଷ୍ଟ ତାମିଲନାଡୁରେ ଡିଏମ୍‌କେକୁ ୧୨୨ରୁ ୧୩୨ଟି ଆସନ ମିଳିପାରେ। ଅପରପକ୍ଷେ ବିରୋଧୀ ଦଳ ଏଆଇଡିଏମ୍‌କେକୁ ୮୭ରୁ ୧୦୦ ଆସନ ମିଳିପାରେ। ସେହିଭଳି ଅନ୍ୟ ଦଳ ୧୦ରୁ ୧୮ଟି ଆସନ ହାତେଇପାରନ୍ତି। ୧୪୦ ବିଧାନସଭା ଆସନ ବିଶିଷ୍ଟ କେରଳରେ ବାଦମଦଳକୁ ୬୦ରୁ ୬୫ ଆସନ ମିଳିପାରେ ବୋଲି ସର୍ଭେ ସଂସ୍ଥା ପକ୍ଷରୁ କୁହାଯାଇଛି। କଂଗ୍ରେସକୁ ଏଠାରେ ୭୦ରୁ ୭୫ଟି ଆସନ ମିଳିପାରେ।

ପ୍ରଜା ପୋଲ ସର୍ଭେ ରିପୋର୍ଟ ଅନୁସାରେ ୩୩ ଆସନ ବିଶିଷ୍ଟ ପୁଡୁଚେରୀ ବିଧାନସଭା ନିର୍ବାଚନରେ ବିଜେପକୁ ୧୯ରୁ ୨୫ଟି ଆସନ ମିଳିବ। ଏଠାରେ କଂଗ୍ରେସକୁ ୬ରୁ ୮ଟି ଆସନ ମିଳିପାରେ। ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ ବିଜେପିକୁ ୧୬ରୁ ୨୦ ଏବଂ କଂଗ୍ରେସକୁ ୬ରୁ ୮ଟି ଆସନ ମିଳିପାରେ।

ସୂଚନାଯୋଗ୍ୟ, ୫ଟି ରାଜ୍ୟର ୮୨୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭ କୋଟି ମତଦାତା ଭୋଟିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଅନୁମାନ କରାଯାଉଛି। ଆସାମ, କେରଳ ଏବଂ ପୁଡୁଚେରୀରେ ଚଳିତ ମାସ ୯ ତାରିଖରେ ମତଦାନ ଗ୍ରହଣ କରାଯାଇଥିଲା। ତାମିଲନାଡୁରେ ଏପ୍ରିଲ ୨୩ ଗୋଟିଏ ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗତ ୨୩ ତାରିଖରେ ମତଦାନ ହୋଇଥିଲା। ଆଜି ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି।

# ୧୩୩୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୪(ନି.ପ୍ର.): କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଠାରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା




ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ୍ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ' ଡିପୋର ଲୋକାର୍ପଣ କରାଯାଇଛି। ସୂଚନାଯୋଗ୍ୟେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ। ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡା। ମାତ୍ର ୫ ଟଙ୍କାରୁ ବସ ଭଡା ଆରମ୍ଭ ହେଉଥିବାରୁ ଏହା ନିତିଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ। ସମସ୍ତ ବସ ସମ୍ପୂର୍ଣ୍ଣ ଭାବେ ଏସି (ଇଉ) ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତିଟି ବସ୍‌ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ (ଏଟଝ) ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ। କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

# ଚନ୍ଦନଯାତ୍ରା ବିଭ୍ରାଟ: ଶ୍ରୀମନ୍ଦିର କମାଣ୍ଡରଙ୍କୁ ରିପୋର୍ଟ ତଲବ

ପୁରୀ, ୨୯।୪: ମଙ୍ଗଳବାର, ବ୍ୟକ୍ତିଗତ ଗଣ୍ଡଗୋଳରୁ ମହାପ୍ରଭୁଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରାରେ ଚାପଖେଳ ବନ୍ଦ ହୋଇଯାଇଛି। ଘଟଣାକୁ ନେଇ ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସମ୍ପୃକ୍ତ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀମନ୍ଦିର କମାଣ୍ଡରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ତାଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଷ୍ପତ୍ତି ହୋଇଛି।

ମହାପ୍ରଭୁଙ୍କ ଚାପଖେଳ ଦେଖିବାକୁ ସହସ୍ରାଧିକ ଶ୍ରଦ୍ଧାଳୁ ଓ ଭକ୍ତ ଅପେକ୍ଷା କରିଥିଲେ। ତେବେ ଜଳକ୍ରୀଡା ହଠାତ୍ ବାତିଲ୍ ହେବାରୁ ହଜାର ହଜାର ଭକ୍ତ ହତାଶ ହୋଇ ଫେରି ଯାଇଥିଲେ। ସୂଚନାନୁସାରେ, ରାତି ଚାପ ବେଳକୁ ଦୁଇ ଗୋଷ୍ଠୀ ସେବକଙ୍କ ମଧ୍ୟରେ ଡଙ୍ଗାରେ ଚଢ଼ିବା ବିବାଦ ଯୋଗୁ ରାତି ଚାପ ହୋଇପାରିଲା ନାହିଁ। ରାତି ୯ଟା ବେଳେ ମହାପ୍ରଭୁ ଡଙ୍ଗାରେ ବିଜେ କରିସାରିଥିଲେ। ବିଜେ କାହାଳୀ ବାଜିବା ପରେ ପ୍ରଥମ ଡଙ୍ଗା କିଛିବାଟ ଆଗକୁ ବିଥିଲା। ହେଲେ ମହାଜନ(ସିଂହାରୀ) ଓ ସୁଦୁ ସୁଆରମାନଙ୍କ ମଧ୍ୟରେ ସେବାୟତଙ୍କ ସଂଖ୍ୟାକୁ ନେଇ ବିବାଦ ହୋଇଥିଲା। ସ୍ୱତ୍ୱଲିପି ଆଧାରରେ ଯେତିକି ସଂଖ୍ୟକ ସେବାୟତ ରହିବା କଥା ସେତିକି ରହି ବାକି ଓହ୍ଲାଇ ଯିବାକୁ ଅନ୍ୟ ସେବାୟତ କହିବାରୁ ବିବାଦ ଉଗ୍ରରୂପ ନେଇଥିଲା। ଡଙ୍ଗା ଆଉ ଆଗକୁ ବିନଥିଲା। ମଦନମୋହନ, ରାମକୃଷ୍ଣ ଓ ପଞ୍ଚୁପାଣ୍ଡବ ବସି ରହିଥିଲେ। ସେବାୟତମାନେ ମଧ୍ୟ ବସି ରହିଥିଲେ। ବିବାଦ ଖବର ପାଇ ଉପମୁଖ୍ୟ ପ୍ରଶାସକ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସମାଧାନର ବାଟ ଫିଟି ପାରି ନଥିଲା।

ଛାମୁଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ପ୍ରଭୁଙ୍କ ନୀତି ଆଗ। କେଣସି କ୍ଷେତ୍ରରେ ବ୍ୟକ୍ତି ସେବାୟତମାନେ ମହାପ୍ରଭୁଙ୍କ ସେବା ବନ୍ଦ କରିପାରିବେ ନାହିଁ। ପ୍ରାଶାସନିକ ଅଧିକାରୀ ସମାଧାନ ବିଫଳ ହେବା ଅତ୍ୟନ୍ତ ଦୁଃଖଦାୟକ। କନ୍ଦଳ ପାଇଁ ମହାପ୍ରଭୁଙ୍କୁ ଅବହେଳା କ୍ଷମଣୀୟ ନୁହେଁ। ଶ୍ରୀମନ୍ଦିରରେ ବିଭିନ୍ନ କମିଟି ଗଠନ କରାଯାଇଛି। ଶୃଙ୍ଖଳିତ ନୀତିରେ ତାଙ୍କର କଣ କର୍ତ୍ତବ୍ୟ ନଥିଲା ଯେଉଁମାନେ ବିଶୃଙ୍ଖଳା କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ଚାପ ଉପରେ ସେବାୟତଙ୍କ ସଂଖ୍ୟା ରେକର୍ଡ ଅଫ୍ ରାଇଟ୍‌ରେ ଉଲ୍ଲେଖ ଅଛି। ନିର୍ଦ୍ଦିଷ୍ଟ ସେବାୟତ ନବସିଲେ ବା ଅଧିକା ବସିଲେ ଡଙ୍ଗା ବୁଡିଯିବା ସମ୍ଭାବନା ରହିଛି। ରେକର୍ଡ ଅଫ୍ ରାଇଟ୍‌ରେ ସିଂହାରୀ ସେବାୟତ ୬ ଜଣ ଯିବାର ବ୍ୟବସ୍ଥା ଅଛି। କିନ୍ତୁ ସେମାନଙ୍କ ସଂଖ୍ୟା ଅଧିକ ରହୁଛି। ସୁଦୁସୁଆରଙ୍କ ଚାପ ଉପରେ ଅନେକ ନୀତି ରହିଛି। ସୁଦୁସୁଆରଙ୍କୁ ଚାପ ଉପରୁ ଓହ୍ଲାଇବାକୁ ସିଂହାରୀ ସେବାୟତମାନେ କହିଥିଲେ। ଯିଏ ଏ ବିବାଦ କରିଛି ସେ ଶ୍ରୀମନ୍ଦିର ପରମ୍ପରା, ନୀତି ଜାଣୁନାହାନ୍ତି। କେବଳ ଅଧିକ ଅର୍ଥ ରୋଜଗାର କରୁଛନ୍ତି। ଏହାକୁ ନେଇ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି ହୋଇଛି। କାର୍ଯ୍ୟାନୁଷ୍ଠାନ ନହେଲେ ରଥଯାତ୍ରାରେ ସମସ୍ୟା ଉପୁଜିବ।

ରାଧାବଲ୍ଲଭ ମଠ ମହନ୍ତ କହିଛନ୍ତି, ଠାକୁରଙ୍କ ଚାପ ମନୁଷ୍ୟକୃତ ଭାବେ ବନ୍ଦ ହେବା କ୍ଷମଣୀୟ ନୁହେଁ। ଯେଉଁମାନେ ଭୁଲ କରିଛନ୍ତି ସେମାନେ ନିଜକୁ ଆତ୍ମସମୀକ୍ଷା କରିବା ଦରକାର। ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ରହିଛି। ଏବେଠାରୁ ଉପଯୁକ୍ତ ସମନ୍ୱୟ ରକ୍ଷା ନ କରିବେ ଆଗକୁ ବିଶୃଙ୍ଖଳା ସୃଷ୍ଟି ହେବ।

ପଣ୍ଡିତ ହରିଶଙ୍କର ମିଶ୍ର କହିଛନ୍ତି, ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାରେ ବିଭ୍ରାଟ କେବଳ ନିନ୍ଦନୀୟ ନୁହେଁ, ଏହା ଲକ୍ଷାଧିକ ଭକ୍ତଙ୍କ ମନରେ ଗଭୀର ଆଘାତ ଦେଇଛି। ଏହାଦ୍ୱାରା ଶ୍ରୀଜିଉଙ୍କ ସେବାରେ ସେବକମାନେ କେତେ ସମର୍ପିତ, ତାହା ପ୍ରମାଣିତ ହେଉଛି। ଶ୍ରୀମନ୍ଦିର ପ୍ରଶାସନ ବି ଅସହାୟ ହୋଇପଡୁଛି। ବାରମ୍ବାର ଏମିତି ଘଟୁଥିଲେ ମଧ୍ୟ ତାହାର ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ। ବିଶୃଙ୍ଖଳାକାରୀଙ୍କୁ ସବୁଦିନ ପାଇଁ ସେବାରୁ ନିବୃତ୍ତ କରାଯାଉ।

ପରିଚାଳନା କମିଟି ସଦସ୍ୟ ମହେଶ ସାହୁ କହିଛନ୍ତି, ଏହା ଏକ ସ୍ୱର୍ଶକାତର ପ୍ରସଙ୍ଗ। ନୀତି ବିଭ୍ରାଟ ଜମା କ୍ଷମଣୀୟ ନୁହେଁ। ବର୍ତ୍ତମାନ ଦର୍ଶନ ବ୍ୟବସ୍ଥା ଆଶାନରୁପ ହୋଇନାହିଁ। ସେବାୟତ-ପ୍ରଶାସନ ମଧ୍ୟରେ ସମନ୍ୱୟ ହେଉ। ଆମେ ଆଶା କରିବା ଏହି ବ୍ୟବସ୍ଥାରେ ଖୁବ ଶୀଘ୍ର ସୁଧାର ଆସୁ।

ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡା କହିଛନ୍ତି, ଚାପରେ କିଏ ରହିବେ କିଏ ନ ରହିବେ ସେ ନେଇ ବିବାଦ ହୋଇଥିଲା। ସେନେଇ ଆଲୋଚନା ହେଲା। କମାଣ୍ଡରଙ୍କଠାରୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ। ଆଜି ନୀତିକାନ୍ତି ଶୃଙ୍ଖଳିତ ହୋଇଛି। ଆଗକୁ ମଧ୍ୟ ଶୃଙ୍ଖଳିତ ବୋଲି ଆମେ ଆଶା କରୁଛୁ।

## ଓଡ଼ିଶାର ୬ ସହରରେ ସ୍ଥାପନ ହେବ ୧୯୦ ଇଭି ଚାର୍ଜିଂ ଷ୍ଟେସନ୍

ଭୁବନେଶ୍ୱର, ୨୯।୪ : ପିଏମ୍ ଇ-ଡ୍ରାଇଭ୍ ଯୋଜନା ଅଧିନରେ ଓଡ଼ିଶାର ୬ଟି ସହରରେ ୧୯୦ଟି ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ହେବ। ୬ଟି ପ୍ରମୁଖ ସହର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, କଳିଙ୍ଗନଗର ଏବଂ ପୁରୀର ୧୯୦ଟି ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଭୁବନେଶ୍ୱର ପୋଲିସ୍ ଭବନରେ ଏନେଇ କେନ୍ଦ୍ର ଭାରୀ ଶିଳ୍ପ, ରାଜ୍ୟ ପରିବହନ ପ୍ରାଧିକରଣ ଓ ଭିଲ୍ ର ଅନୁଷ୍ଠିତ ହୋଇଥିବା ମିଳିତ ବୈଠକରେ ଏହି ପ୍ରସ୍ତାବ ଦିଆଯାଇଛି। ଇଐରଖ ଓ ରାଜ୍ୟ ରାଜ୍ୟ ପରିବହନ ପ୍ରାଧିକରଣ ମିଳିତ ଭାବେ ସ୍ଥାନ ବାଛିବେ। ଯେଉଁଠି ରଠ ଷ୍ଟେସନ୍ ସ୍ଥାପନ ହେବ। ଜାତୀୟ ରାଜପଥ, ଆଞ୍ଚଳିକ ସ୍ଥାନକୁ ଗୁରୁତ୍ୱ ଦିଆଯିବ।

# ଥାନା ହାଜତରେ ଗିରଫ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ନବରଙ୍ଗପୁର/ଡାବୁଗାଁ, ୨୯।୪(ନି.ପ୍ର.): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ହାଜତ ଭିତରେ ଗିରଫ ଯୁବକ ଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତଜନା ଦେଖାଦେଇଛି, ମୃତ୍ୟୁ ଯୁବକ ଙ୍କ ପରିବାର ଲୋକେ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ନବରଙ୍ଗପୁର କୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଛନ୍ତି ଏବଂ ଥାନା ଭିତରେ ଆମ ପୁଅକୁ ପୋଲିସ ମାଡ଼ ମାରି ଆତ୍ମହତ୍ୟା ର ରୂପ ଦିଆ ଯାଉଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆମ ପୁଅକୁ ଆମକୁ ଦେଖାଇ ଦିଅ ବୋଲି କହିବା ସହ ଥାନା ଆଗରେ ବସିଛନ୍ତି ସମ୍ପର୍କୀୟ ଓ ପରିବାର ଲୋକେ । କୌଣସି ପ୍ରକାର ଅପ୍ରତିକର ପରିସ୍ଥିତିକୁ ସାମନା କରିବାପାଇଁ ପଲିସ ପ୍ରଶାସନ ପକ୍ଷରୁ ଡ଼ାବୁଗାଁଥାନାରେ ନଅ ଜଣ ଥାନାଧିକାରୀଙ୍କ ସହ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।



ବର୍ତ୍ତମାନ ମୃତକର ଶବ ବ୍ୟବଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟ ରେ ରହିଥିବାବେଳେ,ଶବ ପହଁଚିବା ପରେ ଉତ୍ତଜନା ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଘଟଣା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଭିତରେ ମେଦେନା ପଞ୍ଚାୟତ ଅଂଚଳା ଗ୍ରାମର ପୂର୍ଣ କଲାର ନାମକ ଅଭିଯୁକ୍ତକୁ ଏକ ଅପହରଣ ମାମଲାରେ ଗିରଫ କରିଥିଲା ଡାବୁଗାଁ ପୋଲିସ , ପୂର୍ଣ କିଛି ଦିନ ତଳେ ସ୍ଥାନୀୟ ଜଣେ ନାବାଳିକା ଙ୍କୁ ଅପହରଣ କରି ନେଇଥିଲେ । ଆଜି କୋର୍ଟ ଚାଲାଣ ହୋଇଥାନ୍ତା ଅଭିଯୁକ୍ତ ଙ୍କୁ କିନ୍ତୁ କୋର୍ଟ ଚାଲାଣ ପୂର୍ବରୁ ଆସାମୀ ଜଣକ ଆତ୍ମହତ୍ୟା କରିଛନ୍ତି । ଥାନା ଭିତରେ ଆସାମୀର ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି ।

୨୪ ଘଣ୍ଟା ମଧ୍ୟରେ ଘଟଣାର ତଦନ୍ତ ରିପୋର୍ଟ ଦେବାପାଇଁ ଇଝଚ ନବରଙ୍ଗପୁରକୁ ନିର୍ଦ୍ଧେଶ ଦିଆଯାଇଛି, ଏହି ଘଟଣା ପାଇଁ ଦାୟୀ ରହିଥିବା ଅଧିକାରୀ ବିରୁଦ୍ଧରେ ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବରଙ୍ଗପୁର ଝଚ କହିଛନ୍ତି, ଏହାସହ ମୃତ ଅଭିଯୁକ୍ତ ପୂର୍ଣ୍ଣ କଲାରଙ୍କୁ ନିୟମାନୁସାରେ ଯାହା ସହାୟତା ଦେବାର ଅଛି ତାହା ଦିଆଯିବ ବୋଲି ଝଚ କହିଛନ୍ତି ।

ସାତ ଘଣ୍ଟାର ଉତ୍ତଜନା, ଥାନା କୁ ପଥର ଓ ବୋତଲ ମାଡ଼, ପୋଲିସ ଗାଡି ର କାଚ୍ ଭାଙ୍ଗିବା,ରାସ୍ତାରୋକ ପରେ ଥମିଲା ଡାବୁଗାଁ ହାଜତ ଆତ୍ମହତ୍ୟା ମାମଲା। ଆଜି ଦିନ ତମାମ ପୋଲିସ ଏହି ଘଟଣା କୁ ନେଇ ନାକେଦମ ହୋଇଥିଲା। ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର, ଇଝଚ ଆଦିତ୍ୟ ସେନ, ଯୁବକ ଙ୍କ ପରିବାର ବର୍ଗ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ, ଉଡଉ ସଭାପତି ଲିପିକା ମାଝୀ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ମୁନ୍ନା ତ୍ରିପାଠୀ,ଡାବୁଗାଁ ତହସିଲଦାରଙ୍କ ଉପସ୍ଥିତ ରେ ଆଲୋଚନା ହୋଇଥିଲା ଏଥିରେ ଏହି ଘଟଣା ର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହ ଯେଉ କର୍ମଚାରୀ ଅବହେଳା କରିଥିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ମୃତ ଯୁବକ ଙ୍କ ଶବ ପରିବାର ଉପସ୍ଥିତିରେ ବୋଲି ନିଷ୍ପତି ନେବା ପରେ ପରିବାର ଲୋକ ଶବ ବ୍ୟବଚ୍ଛେଦ ପାଇଁ ସମ୍ମତି ପ୍ରକାଶ କରିଥିଲେ ଓ ସନ୍ଧ୍ୟା ରେ ଶବ ବ୍ୟବଚ୍ଛେଦ କରା ଯାଇ ପରିବାର ଙ୍କୁ ହସ୍ତାନ୍ତର କରାଯାଇଥିଲା ଅପର ପକ୍ଷରେ ବିରୋଧୀ ଦଳ ଏହାକୁ ସରକାର ଙ୍କ ଅପାରଗତା ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ବିରୋଧୀ ଦଳ ସରକାର ଙ୍କ ଅପାରଗତା କୁ ଦାୟୀ କରିଛନ୍ତି, ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱ ରେ ଥିବା ବେଳେ ଏହିପରି ହାଜତ ରେ ଆତ୍ମହତ୍ୟା ଘଟଣା ଅତି ସମ୍ବେଦନଶୀଳ ଅଟେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲିଦାବୀ କରିଛନ୍ତି,ଓଡିଶା ର ନାଗରିକ କେଉଁଠି ମଧ୍ୟ ସୁରକ୍ଷିତ ନାହାନ୍ତି ବୋଲି ପ୍ରଦୀପ ମାଝୀ କହିଛନ୍ତି। ଉଡଉ ସଭାପତି ଲିପିକା ମାଝୀ ମୃତ ଯୁବକ ଙ୍କ ପରିବାର ର ଜଣଙ୍କୁ ପୋଲିସ ବିଭାଗ ରେ ଚାକିରୀ ସହ ୨୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦାବୀ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣା ର ତଦନ୍ତ କରାଯିବ କାର୍ଯ୍ୟ ରେ ଅବହେଳା କରିଥିବା ବ୍ୟକ୍ତି ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର।

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/10003/2/26-27/0008 10001/89/2627